# ଅଶୋକ ଲକ୍ଷ୍ମଣ ଗାଏକ୍ୱାଡ୍

## ବନାମ

## ମହାରାଷ୍ଟ୍ର ରାଜ୍ୟ

## ଏପ୍ରିଲ 19, 2006

## [ଡ. ଏ. ଆର୍. ଲକ୍ଷ୍ମଣନ ଏବଂ ଡି. କେ. ଜୈନ, ନ୍ୟାୟମୂର୍ତ୍ତିଦ୍ୱୟ]

*ପିଙ୍ଗଳ ସଂହିତା, 1860:*

*ଧାରା 302 - ଅଭିଯୁକ୍ତ ନିଜ ପ୍ରିୟତମାଙ୍କୁ ଜାଳି ଦେବା - ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ - ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସ୍ୱୀକୃତି - ଏହି ଅପରାଧରେ ଅଭିଯୁକ୍ତଙ୍କ ସମ୍ପୃକ୍ତିକୁ ସମସ୍ତ ସନ୍ଦେହରୁ ଉର୍ଦ୍ଧ୍ୱରେ ସ୍ପଷ୍ଟ ଭାବେ ପ୍ରମାଣିତ କରାଯାଇଛି - ମୃତ୍ୟୁକାଳୀନ ଜମାନବନ୍ଦୀକୁ ଏବଂ ଅଭିଯୋଜନ ପକ୍ଷ ଦ୍ୱାରା ଦିଆଯାଇଥିବା ଅନ୍ୟ ସାକ୍ଷ୍ୟ ପ୍ରମାଣକୁ ଅବିଶ୍ୱାସ କରିବାର କୌଣସି କାରଣ ନାହିଁ- ହସ୍ତକ୍ଷେପ ପାଇଁ କୌଣସି କାରଣ ନାହିଁ।*

ଫୌଜଦାରୀ ଅପିଲୀୟ ଅଧିକରିତା: ଫୌଜଦାରୀ ଅପିଲ ସଂଖ୍ୟା 955/2005।

ଫୌଜଦାରୀ ଅପିଲ ସଂଖ୍ୟା 95/1998 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ 16.6.2004 ର ରାୟ ଏବଂ ଚୂଡ଼ାନ୍ତ ଆଦେଶରୁ ଅପିଲ।

ଅପିଲକାରୀଙ୍କ ତରଫରୁ ନୀତିନ ଏସ୍. ତାମ୍ବ୍ୱେକର୍, ବି. ଏସ୍. ସାଇ ଏବଂ କେ. ରାଜୀବ।

ଉତ୍ତରଦାତାଙ୍କ ତରଫରୁ ଏ. ପି. ମୟୀ ଏବଂ ରବୀନ୍ଦ୍ର କେଶବରାଓ ଆଡସୁରେ।

ନ୍ୟାୟାଳୟଙ୍କ ଆଦେଶ ପ୍ରଦାନ କରାଯାଇଥିଲା

## ଆଦେଶ

ଫୌଜଦାରୀ ଅପିଲ ସଂଖ୍ୟା 95/1988 ରେ ଅପିଲକାରୀ/ଅଭିଯୁକ୍ତଙ୍କ ଦ୍ୱାରା ଦାୟର ହୋଇଥିବା ଅପିଲକୁ ଖାରଜ କରି ଏବଂ ଏହା ଦ୍ୱାରା ଅପିଲକାରୀଙ୍କୁ ଭାରତୀୟ ପିଙ୍ଗଳ ସଂହିତାର ଧାରା 302 ଅନୁଯାୟୀ ଦୋଷୀ ସାବ୍ୟସ୍ତ କରି ଏବଂ ତାଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ ଭୋଗିବାକୁ

ଦଣ୍ଡାଦେଶ ଦେଇଥିବା ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା 16 ଜୁନ୍, 2004 ରେ ପାରିତ ରାୟ ବିରୁଦ୍ଧରେ ଏହି ଅପିଲ କରାଯାଇଛି ।

ଅପିଲକାରୀଙ୍କ ତରଫରୁ ଉପସ୍ଥିତ ଥିବା ବିଜ୍ଞ ଓକିଲ ଆମ୍ଭଙ୍କୁ ସମ୍ପୂର୍ଣ୍ଣ ସାକ୍ଷ୍ୟ ପ୍ରମାଣ ଏବଂ ଶବ ବ୍ୟବଚ୍ଛେଦ ପ୍ରମାଣ ପତ୍ର ଏବଂ ବିଶେଷ କରି ଡାକ୍ତରଙ୍କ ସାକ୍ଷ୍ୟ ପ୍ରମାଣ ଦେଖାଇଥିଲେ । ଆମ୍ଭେ ଉତ୍ତରଦାତାଙ୍କ ତରଫରୁ ଉପସ୍ଥାପିତ ସାକ୍ଷ୍ୟ ପ୍ରମାଣକୁ ଯତ୍ନର ସହ ଅନୁଧ୍ୟାନ କରିଛୁ । 1987 ମସିହା ଜାନୁଆରୀ 25 ତାରିଖ ରାତି 22:30 ରେ ମୃତ ବ୍ୟକ୍ତିଙ୍କ ଦ୍ୱାରା ଦିଆଯାଇଥିବା ମୃତ୍ୟୁକାଳୀନ ଜମାନବନ୍ଦୀକୁ ଆମ୍ଭେ ଅନୁଧ୍ୟାନ କରିଛୁ । ଡାକ୍ତରଙ୍କ ମନ୍ତବ୍ୟରୁ ଏହା ଜଣାପଡ଼ିଛି ଯେ ରୋଗୀ, ଅର୍ଥାତ୍, ମୃତ ବ୍ୟକ୍ତିଜଣକ ସଚେତନ ଅବସ୍ଥାରେ ଥିଲେ ଏବଂ ବିବୃତି ଦେବା ସ୍ଥିତିରେ ଥିଲେ ଏବଂ ତାଙ୍କ ବିବୃତିକୁ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଅଭିଲିଖିତ କରାଯାଇଥିଲା । ଉପରୋକ୍ତ ଘୋଷଣାନାମାରୁ ଆହୁରି ଜଣାପଡ଼ିଛି ଯେ, ଅଭିଯୁକ୍ତଙ୍କ ସହ ମୃତ ମହିଳାଜଣଙ୍କ ପ୍ରେମ ସମ୍ପର୍କ ଥିଲା ଏବଂ ସେ ଅଭିଯୁକ୍ତଙ୍କୁ ଦ୍ୱିତୀୟ ଥର ବିବାହ କରିବାକୁ ବିରୋଧ କରିଥିଲେ ଏବଂ ସେହି ଦୁର୍ଭାଗ୍ୟଜନକ ତାରିଖରେ ଅଭିଯୁକ୍ତ ତାଙ୍କ ଉପରେ କିରୋସିନି ଢାଳିଥିଲେ ଏବଂ ଦିଆସିଲି କାଠି ସାହାଯ୍ୟରେ ତାଙ୍କ ଉପରେ ନିଆଁ ଲଗାଇ ଦେଇଥିଲେ, ଯାହାଫଳରେ ସେ ଅଗ୍ନିଦଗ୍ଧ ହୋଇ ଆଘାତ ପ୍ରାପ୍ତ ହୋଇଥିଲେ । ମୃତ୍ୟୁକାଳୀନ ଜମାନବନ୍ଦୀରୁ ଏହା ସ୍ପଷ୍ଟ ହୋଇଛି ଯେ ଅଭିଯୁକ୍ତ ଜଣକ ତାଙ୍କ ଉପରେ କିରୋସିନି ଢାଳିଥିଲେ ଏବଂ ଦିଆସିଲି କାଠି ସାହାଯ୍ୟରେ ତାଙ୍କ ଉପରେ ନିଆଁ ଲଗାଇ ଦେଇଥିଲେ ।

ଆମ୍ଭେ ଡାକ୍ତର ରମେଶ ନାମୌଜୀ ଭାଙ୍ଗେ (ଅଭିଯୋଜନ ସାକ୍ଷୀ 6) ଙ୍କ ଦ୍ୱାରା ଦିଆଯାଇଥିବା ଡାକ୍ତରୀ ପ୍ରମାଣକୁ ମଧ୍ୟ ଅନୁଧ୍ୟାନ କରିଛୁ । ଡାକ୍ତରଙ୍କ ପ୍ରମାଣରୁ ଏହା ଜଣାପଡ଼ିଛି ଯେ, ମୃତବ୍ୟକ୍ତିଜଣକ ଡାକ୍ତରଙ୍କ ନିକଟରେ ଘଟଣାବଳୀର ବିବରଣୀ ପ୍ରକାଶ କରିଥିଲେ ଯେ ଅଭିଯୁକ୍ତ ତାଙ୍କ ଶରୀରରେ କିରୋସିନି ଢାଳି ନିଆଁ ଲଗାଇ ଦେଇଥିଲେ ଏବଂ ନ୍ୟାୟିକ ମାଜିଷ୍ଟ୍ରେଟ୍ ମୃତ ବ୍ୟକ୍ତିଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀକୁ ଅଭିଲିଖିତ କରିଛନ୍ତି । ଡାକ୍ତରଙ୍କ ପ୍ରମାଣରୁ ଏହା ମଧ୍ୟ ଜଣାପଡ଼ିଛି ଯେ, ଉପ-ନ୍ୟାୟିକ ମାଜିଷ୍ଟ୍ରେଟଙ୍କ ଦ୍ୱାରା ତାଙ୍କ ବିବୃତି ଅଭିଲିଖିତ କରାଯିବା ପୂର୍ବରୁ ସେ ତାଙ୍କୁ ପରୀକ୍ଷା କରିଥିଲେ ଏବଂ ଜାଣିବାକୁ ପାଇଥିଲେ ଯେ ସେ ସଚେତନ ଅବସ୍ଥାରେ ଥିଲେ ଏବଂ ବିବୃତି ଦେବା ସ୍ଥିତିରେ ଥିଲେ । ସେହି ଅନୁଯାୟୀ, ଡାକ୍ତର ମୃତ୍ୟୁକାଳୀନ ଜମାନବନ୍ଦୀ ଉପରେ ଥିବା ଅନୁମୋଦନରେ ଦସ୍ତଖତ କରିଛନ୍ତି । ସେ ମଧ୍ୟ ମୃତ୍ୟୁକାଳୀନ ଜମାନବନ୍ଦୀରେ ଥିବା ତାଙ୍କ ଦସ୍ତଖତକୁ ଚିହ୍ନଟ କରିଛନ୍ତି । ଜେରା ବେଳେ ଡାକ୍ତରଙ୍କ ସାକ୍ଷ୍ୟ ପ୍ରମାଣକୁ ଅବିଶ୍ୱାସ କରିବା ପାଇଁ

କୌଣସି ବିପରୀତ ଫଳାଫଳ ମିଳିନାହିଁ । ଡାକ୍ତର ଏହା ମଧ୍ୟ ବର୍ଣ୍ଣନା କରିଛନ୍ତି ଯେ କାହିଁକି ସେ ପ୍ରଥମେ ମାମଲା କାଗଜପତ୍ରର ପ୍ରଥମ ପୃଷ୍ଠାରେ 'ଆତ୍ମହତ୍ୟା' ଶବ୍ଦଟିକୁ ଅଭିଲିଖିତ କରିଥିଲେ ଏବଂ ଯେତେବେଳେ ସେ ପ୍ରାରମ୍ଭିକ ବିବୃତିଟି ଭୁଲ ବୋଲି ଜାଣିବାକୁ ପାଇଥିଲେ, ସେ ମାମଲା କାଗଜପତ୍ରର ପ୍ରଥମ ପୃଷ୍ଠାରେ 'ନରହତ୍ୟା' ଶବ୍ଦଟିକୁ ଉଦ୍ଧୃତ କରିଥିଲେ । ସେ ଏହା ମଧ୍ୟ ବର୍ଣ୍ଣନା କରିଛନ୍ତି ଯେ ସେହି ପରିସ୍ଥିତିରେ ସେ 'ଆତ୍ମହତ୍ୟା' ଶବ୍ଦଟିକୁ ଅଭିଲିଖିତ କରିଛନ୍ତି । ରୋଗୀ ଅଭିଯୁକ୍ତଙ୍କ ବିରୋଧରେ ଡାକ୍ତରଙ୍କୁ ଘଟଣାବଳୀର କୌଣସି ବିବରଣୀ ଦେଇନାହାନ୍ତି ବୋଲି ତାଙ୍କୁ ଦିଆଯାଇଥିବା ପ୍ରସ୍ତାବିତ ଧାରଣାକୁ ମଧ୍ୟ ଡାକ୍ତର ଅସ୍ୱୀକାର କରିଥିଲେ ଏବଂ ମୃତ୍ୟୁକାଳୀନ ଜମାନବନ୍ଦୀ ତାଙ୍କ ଉପସ୍ଥିତିରେ ଉପ-ନ୍ୟାୟିକ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଅଭିଲିଖିତ କରାଯାଇ ନାହିଁ ବୋଲି କହିବାଟା ମଧ୍ୟ ଠିକ୍ ନୁହେଁ ।

ଆମ୍ଭେ ଅଭିଯୋଜନ ପକ୍ଷଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅନ୍ୟାନ୍ୟ ସାକ୍ଷ୍ୟ ପ୍ରମାଣକୁ ମଧ୍ୟ ଅନୁଧ୍ୟାନ କରିଛୁ ଯାହା, ଆମ୍ଭ ମତରେ, ଅଭିଯୋଜନ ପକ୍ଷଙ୍କ ଦ୍ୱାରା ଉପସ୍ଥାପିତ ପକ୍ଷକୁ ସମର୍ଥନ କରୁଅଛି । ଖଣ୍ଡପୀଠଙ୍କ ବିଜ୍ଞ ନ୍ୟାୟମୂର୍ତ୍ତିଦ୍ୱୟ ଅଭିଯୋଜନ ପକ୍ଷଙ୍କ ତରଫରୁ ଦିଆଯାଇଥିବା ସମସ୍ତ ସାକ୍ଷ୍ୟ ପ୍ରମାଣକୁ ସେଗୁଡ଼ିକର ଉପଯୁକ୍ତ ଦୃଷ୍ଟିକୋଣରେ ବିଚାର କରିଛନ୍ତି ଏବଂ ଏହି ଉପସଂହାରରେ ପହଞ୍ଚିଛନ୍ତି ଯେ ଅଭିଯୋଜନ ପକ୍ଷ ଏହାର ପକ୍ଷକୁ ସମସ୍ତ ଯୁକ୍ତିଯୁକ୍ତ ସନ୍ଦେହରୁ ଉର୍ଦ୍ଧ୍ୱରେ ସ୍ୱଷ୍ଟ ଭାବରେ ପ୍ରମାଣିତ କରିଛି । ଉଚ୍ଚ ନ୍ୟାୟାଳୟଙ୍କ ଖଣ୍ଡପୀଠଙ୍କ ବିଜ୍ଞ ନ୍ୟାୟମୂର୍ତ୍ତିଦ୍ୱୟଙ୍କ ଦ୍ୱାରା ଅଭିଲିଖିତ କରାଯାଇଥିବା କାରଣଗୁଡ଼ିକ ଅକାଟ୍ୟ ଏବଂ ବିଶ୍ୱାସଯୋଗ୍ୟ ଅଟେ । ପୁଣେର ବିଜ୍ଞ ଦୌରା ନ୍ୟାୟାଧୀଶଙ୍କ ଦ୍ୱାରା ଦିଆଯାଇଥିବା ରାୟକୁ ମଧ୍ୟ ବିଜ୍ଞ ନ୍ୟାୟମୂର୍ତ୍ତିଦ୍ୱୟ, ସେମାନଙ୍କ ରାୟରେ ଅଭିଲିଖିତ କରିଥିବା ପର୍ଯ୍ୟାପ୍ତ କାରଣ ପାଇଁ, ସମର୍ଥନ କରିଛନ୍ତି । ଉଚ୍ଚ ନ୍ୟାୟାଳୟଙ୍କ ଖଣ୍ଡପୀଠଙ୍କ ଦ୍ୱାରା ଗ୍ରହଣ ଯାଇଥିବା ଦୃଷ୍ଟିକୋଣ ଠାରୁ ଏକ ଭିନ୍ନ ଦୃଷ୍ଟିକୋଣ ଗ୍ରହଣ କରିବାକୁ ଆମ୍ଭେ ପ୍ରବର୍ତ୍ତିତ ହୋଇନାହୁଁ । ଏହି ଅପରାଧରେ ଅଭିଯୁକ୍ତଙ୍କ ସମ୍ପୃକ୍ତିକୁ ସମସ୍ତ ସନ୍ଦେହରୁ ଉର୍ଦ୍ଧ୍ୱରେ ସ୍ୱଷ୍ଟ ଭାବେ ପ୍ରମାଣିତ କରାଯାଇଛି । ମୃତ ବ୍ୟକ୍ତିଙ୍କ ଦ୍ୱାରା ଦିଆଯାଇଥିବା ମୃତ୍ୟୁକାଳୀନ ଜମାନବନ୍ଦୀକୁ ଏବଂ ଅଭିଯୋଜନ ପକ୍ଷ ତରଫରୁ ଦିଆଯାଇଥିବା ଅନ୍ୟ ସାକ୍ଷ୍ୟ ପ୍ରମାଣକୁ ଅବିଶ୍ୱାସ କରିବାର କୌଣସି କାରଣ ମଧ୍ୟ ଆମ୍ଭ ପାଖେ ନାହିଁ । ଆମ୍ଭ ମତରେ, ବିଜ୍ଞ ଦୌରା ନ୍ୟାୟାଧୀଶଙ୍କ ରାୟକୁ ସମର୍ଥନ କରି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ସୁଚିନ୍ତିତ ରାୟରେ ହସ୍ତକ୍ଷେପ କରିବା ପାଇଁ ଏହି ନ୍ୟାୟାଳୟଙ୍କ ପାଖେ କୌଣସି କାରଣ ନାହିଁ ।

ତଦନୁସାରେ, ଏହି ଅପିଲକୁ ଖାରଜ କରିଦିଆଯାଇଛି ।

ଆର୍. ପି.                                                    ଅପିଲକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।